# କଂସାରି ଗଣ୍ଡ ଓ ବେରେଜ୍

ଦୈନିକ ଖବର କାଗଜ ତା ୨୦.୦୭.୨୦୨୨ ରିଖର ସମାଜ ଭାଗ ୯୩ ସଂଖ୍ୟା ୧୯୩ର ପୃଷ୍ଠା ୮ରେ କଂସାରି ଗଣ୍ଡ କ୍ଷେତ୍ରରେ ଆନିକେଟ ନିର୍ମାଣ ସକାଶେ, ଓଡ଼ିଶା ସରକାର ରାଜ କୋଷରୁ ୧୪୯କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସରକାରଙ୍କ ଏହା ନିଚ୍ଛନ୍ଦ ପଦକ୍ଷେପ ହୋଇପାରେ । ତଥା ସ୍ୱାଗତ ଯୋଗ୍ୟ । ଏବଂ ଏହା ମଧ୍ୟ ଶୁଣିବାକୁ ମିଳେ ଋଷିକୂଲ୍ୟା ଗର୍ଭରେ କଂସାରି ଗଣ୍ଡଠାରୁ ପଶ୍ଚିମକୁ ତାରାତାରିଣୀ ପାହାଡ଼ ଯାଏଁ ଏକ ବେରେଜ ନିର୍ମାଣ କରି ଜଳକୁ ସୁରକ୍ଷିତ କରି କୃଷିରେ ବିନିଯୋଗ କରାଇବା ପାଇଁ ସରକାରଙ୍କ ଯୋଜନା ରହିଛି ।

କୃଷିର ବିକାଶ ସକାଶେ ସରକାରଙ୍କ ଏହା ହୋଇପାରେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ଜିଲ୍ଲାର କେତୋଟି ଜନପଦ ପାଇଁ କାଳ ଫାସ । ଏହି କାଳଫାସ ପୁଣି ଏଠାରେ ରହିଥିବା ଋଷିକୂଲ୍ୟା ସରସ୍ୱତୀ ଗଣ୍ଡକୁ ଆମନ୍ତ୍ରଣ କରୁଛି କହିଲେ ଚଳେ । ଆଜିର ବେରେଜ୍ ଦ୍ୱାରା ଏହା କେବଳ ଆମନ୍ତ୍ରୀତ ନୁହେଁ, ଏହାର ପୁନଃ ଉଦ୍ଧାର ଯୋଜନାର କର୍ତ୍ତବ୍ୟ ପ୍ରାୟ ୪୮ ବର୍ଷ ଧରି, ଇଟା ପ୍ରସ୍ତୁତ ଆଳରେ ଷ୍ଟେଟ୍ ବେଙ୍କ ଅଫ ଇଣ୍ଡିଆ ଛତ୍ରପୁରଙ୍କ ଦ୍ୱାରା ଆଳରେ ଅୟମାରମ୍ଭ ହୋଇ ରହି ଆସିଛି । ଏତଦ୍ୱାରା ବଡ଼ମାଧପୁର, ଗୋବର୍ଦ୍ଧନପୁର, ହିଣ୍ଡୁଳା, ବଉଳ ଗାଁ, ବିରିପୁର, ସିଙ୍ଗିପୁର, ଭାଗୀରଥିପୁର (ପୂର୍ବତନ ମୁଖ୍ୟ ମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ପିତୃ ପୁରୁଷଙ୍କ ଗାଁ) ବରଙ୍ଗ, ନୂଆପଲ୍ଲୀ, ଗଙ୍ଗାପୁର, ପଞ୍ଚଲଲାମପୁର, ମୁନିଶି ପେଣ୍ଠ, ହଁସପୁର, ସରଭୀମପୁର, କାଂଚରା, କରପଡ଼ା ଏପରିକି ଆଲିଆବାଦ, ବରଦା, ରାଉରି ବନ୍ଧ ଜନପଦ ମଧ୍ୟ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି ।

ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ରଚିତ ମହାଭାରତ ଗ୍ରନ୍ଥର ଆଦି ପର୍ବ ୬୩ ଅଧ୍ୟାୟ ୩୦ ଶ୍ଳୋକରେ ବର୍ଣ୍ଣିତ ଏହି ଯେ, ପ୍ରାୟ ୭ ଠାରୁ ୮ ହଜାର ବର୍ଷ ମଧ୍ୟରେ ଉପରଚର ବସୁ ନାମରେ ଜଣେ ସମ୍ରାଟ ଚେଦି ରାଜ୍ୟକୁ ଇନ୍ଦ୍ରଦେବଙ୍କ ସହଯୋଗରେ ଶାସନ କରୁଥିଲେ । ପରବର୍ତ୍ତିକାଳେ ଚେଦି ଦେଶକୁ ଦମଘୋଷ, ଶିଶୁପାଳ ସମିପରେ ସ୍ରୋତାୟିତ ଥିବା ଋଷିକୂଲ୍ୟା ସରସ୍ୱତୀ ଗର୍ଭରେ ଚେଦି ରାଜ୍ୟ ରାଜଧାନୀ ଥିଲା । ନିମାପଲ୍ଲୀଠାରୁ ପିପିଳପଙ୍କା ପର୍ଯ୍ୟନ୍ତ ଦୂର୍ଗ ପ୍ରଶସ୍ତି ଥିଲା । ଏଠାରୁ ରାଜା ଉପରିଚର ଇନ୍ଦ୍ରଙ୍କ ଦେୟ ବିମାନରେ ଉପରେ ଉପରେ ବୁଲି ରାଜ୍ୟ ଶାସନ କରୁଥିବା କାଳେ, କୋଳାହଳ ନାମକ ଏକ ସଚେତନ ପର୍ବତ ସରସ୍ୱତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ନିଜ ଶରୀରକୁ ପକ୍ଷୀ ସଦୃଶ୍ୟ ବିସ୍ତାର କରି ଉଡି ଉଡି ଆସି ସରସ୍ୱତୀଙ୍କ ବିଶାଳ ଗଣ୍ଡ ମଧ୍ୟରେ ପ୍ରବାହିତ ଜଳସ୍ରୋତକୁ କାମବଶଃ ଅଟକାଇ ଦେଲା । ସ୍ରୋତକୁ ଅଟକାଇ ଦେବା କାରଣରୁ ସ୍ରୋତ ପ୍ରବାହ ଅଟଳି, ବିପରିତ ଦିଗକୁ ଏଠାରୁ ପ୍ରବାହିତ ହେବାକୁ ଲାଗିଥିଲା । ବିପରିତ ଦିଗକୁ ଜଳସ୍ରୋତ ପ୍ରବାହିତ ହେବାର ଦେଖି ରାଜା ସ୍ଫଟିକ ବିମାନରେ ପୂର୍ବ ଆଡ଼କୁ ନଦି ସ୍ରୋତେ ସ୍ରୋତେ ଦେଖି ଦିଖି ଯିବାକାଳେ ଦେଖିଲେ ଯେ କୋଳାହଳ ପର୍ବତ ସରସ୍ୱତୀ ସ୍ରୋତକୁ ଏଠାରେ ଜାବୁଡି  ଧରିଛି । ରାଜା ଅବସ୍ଥାକୁ ବିମାନରେ ବସି ଦେଖି କୋଳାହଳକୁ ଗୋଟିଏ ନାତ ପକାଇଲେ । ଯଦ୍ୱାରା ପର୍ବତଟିରୁ ରାସ୍ତା ଫିଟି ନଦୀ ସ୍ରୋତ ପୂର୍ବ ପରି ପୁଣି ସ୍ରୋତାୟିତ ହେବାକୁ ଲାଗିଲା । ଆଜି ମଧ୍ୟ ସେଠାରେ ହଳାହଳର ମୃତ ଶରୀର ସୁକୁଆ ଖାଇ ପର୍ବତ ନାମରେ ରହି ଆସିଛି ।

କାଳକ୍ରମେ ବିଶାଳ ସରସ୍ୱତୀ ଗଣ୍ଡ ହଳାହଳ ଆକ୍ରମଣରୁ ସଂକୁଚିତ ହୋଇ କଂସାରି ଗଣ୍ଡ ନାମରେ ନାମିତ ହୋଇ ରହିଆସିଛି । କଂ – କାମ ଶବ୍ଦରୁ କଂ ର ଉତ୍ପତିକୁ ନେଇ (ପାଣିନୀ ବ୍ୟାକରଣର ୩୧୫୩) ଏବଂ ସାରି – ବିଶାଳ ପକ୍ଷୀ ସଦୃଶ୍ୟ) ଅର୍ଥାତ୍ ହଳାହଳ ପର୍ବତ କାମବଶ ବିସ୍ତାରିତ ପକ୍ଷୀ ରୂପରେ ଏଠାରେ ପ୍ରବେଶ କରିଥିବା କାରଣକୁ ନେଇ ସରସ୍ୱତୀ ପ୍ରତି ବଦଳରେ କଂସାରି ଗଣ୍ଡ ନାମ କ୍ଷେତ୍ର ବହି ଆସିଅଛି । ପର୍ବତ କୋଳାହଳ ଏଠାରେ ସୁକୁଆ ଖାଇ ରୂପେ ପରିଚିତ । କାରଣ ଉତ୍ତମ କୁଆ ଯେପରି ଶୁଭ ଖବର ଧରି ଆସେ, ସେପରି କାରଣକୁ ନେଇ ଏଠାରେ ହଳାହଳ ସୁକୁଆଖାଇ ନାମେ ପରିଚିତ ।

ସରସ୍ୱତୀ ସ୍ରୋତ ବିପରୀତଗାମୀ ହେବା କାରଣରୁ ଅତୀତର ଚେଦି ରାଜ୍ୟ ମଧ୍ୟରେ ଆଜିର ପେରଜ ନାମରେ ଜନପଦ ସ୍ମୃତି ଆକାରରେ ରହି ଆସିଛି । ପୁନଃ ନଦୀ ଗର୍ଭରେ ପଡ଼ିରହିଥିବା ଭଷ୍ମ ଦୂର୍ଗର ପଥର ଗୁଡ଼ିକ ପ୍ରାୟ ୮ କି.ମି ଧରି ପଡ଼ି ରହିଛି ଏବଂ ଉପର ମୁଣ୍ଡରେ ପଡିରହିଥିବା ପଥର ଗୁଡିକୁ ନଦୀ ଗର୍ଭ ମଧ୍ୟରୁ ଉଦ୍ଧାର ନକରି ଯଦି ନଦୀର ତଳ ମୁଣ୍ଡରେ ବେରେଜ କରାଯାଏ, ତେବେ ଗେଞ୍ଜା, ପେରଜ ଆଦି ପରି ପ୍ରାୟ ୨୬ଖଣ୍ଡ ଜନପଦ ପ୍ରଭାବିତ ହେବା ସୁନିଶ୍ଚିତ । ଏଥକୁ ନେଇ ସରକାର ବିଚାର କରନ୍ତୁ ।

ପୁନଃ ୨୯.୦୭.୨୦୨୨ ପୃଷ୍ଠା ସମାଜ ୫ରେ ଋଷିକୂଲ୍ୟାରେ ପ୍ରସ୍ତାବିତ ଆନିକଟ ନିର୍ମାଣରେ ତଳ ହସିବ, ଉପର ଭାସିବ କହି ଯେଉଁ ଶିରୋନାମା କୁହାଯାଇଛି, ଏହାକୁ ବଦଳାଇ ନଦୀ ଜଳର ତଳ ଭାଗରେ କାନ୍ଦିବାକୁ କେହି ଅବଶ୍ୟ ନଥିବା କାଳେ ଉପର ଭାଗରେ କିନ୍ତୁ ଭାସିବ । ଏତଦ ସହିତ କଂସାରି ଗଣ୍ଡ ଠାରୁ ଉର୍ଦ୍ଧ ବା ପଶ୍ଚିମରେ ଥିବା ପିପଳପଙ୍କା ମଧ୍ୟରେ ରହି ଆସିଥିବା ଅନେକ ଜନପଦ କ୍ଷତିଗ୍ରସ୍ଥ ହେବା ସ୍ୱାଭାବିକ । ଏଥକୁ ନେଇ ସରକାର ତଥା ଏହି ବିଭାଗର ଦୀୟୀତ୍ୱବାନ କର୍ମଚାରିଗଣ ସାବଧାନ କ୍ରମେ ବିଚାର କରିବା ଆବଶ୍ୟକ ।

ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୂଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର- ୫

# ହନୁଙ୍କ ସତ ଶୁଣି ମରିବି

ଭାରତ ବର୍ଷ ମହାମହିମ ମାନନୀୟା ମୁର୍ମୁ ଦେବୀଙ୍କୁ ମୋର ଅନ୍ତରର ଆଦର ସହିତ ଶୁଭେଚ୍ଛା ପ୍ରଦାନ କଲି । ସାଦରେ ଗ୍ରହଣ କରିବେ ବୋଲି ମୋର ଆଶା ଓ ଆକାଂକ୍ଷା ।

ମହାଶୟା ମହାମହିମ,

ରାଷ୍ଟ୍ର ଭାରତର ପନ୍ଦରତମ ରାଷ୍ଟ୍ରପତି ରୂପେ ଦାୟିତ୍ୱ ଗ୍ରହଣ ପାଇଁ ଗତ **୨୫.୦୭.୨୦୨୨** ତାରିଖ ଦିନ ପ୍ରାତଃ ୯ଘ **୧୭** ମି ଆରମ୍ଭରୁ **୧୦**ଘ **୩୫**ମି ଯାଏଁ ଶପଥପାଠ ଉତ୍ସବ କାଳକୁ ଦୂରଦର୍ଶନ ମାଧ୍ୟମରେ ଅନୁଧ୍ୟାନ କରୁଥିଲି । ଉକ୍ତ ଅନୁଧ୍ୟାନ କାଳ ମଧ୍ୟରେ ଏହି ଉଡ୍ର ଖଣ୍ଡ ସହିତ ଉତ୍କଳର ପ୍ରଥମ ଶାସକ ମହର୍ଷି ମନୁ (ସ୍ୱୟଂମ୍ଭୁବ ମନୁ)ଙ୍କ ମନ୍ୱନ୍ତରର ଏବଂ ଦୃଶ୍ୟ ଜଗତର ପ୍ରଥମ ନାରୀ ମାତା ସତପୂପାଙ୍କ ଶାସନ କାଳେ ଆଦର୍ଶ ବିଷୟ ଗୁଡ଼ିକର ପ୍ରଭାବକୁ ଆଧାର କରି କାଳଜୟ କ୍ଷେତ୍ର ବା ଚିଲିକା ଅନ୍ତର୍ଗତ କାଳିଜାଇଠାରେ ଯାହା ଘଟିଥିଲା ତାରତମ୍ୟତାକୁ ତୁଳନା କରୁଥିଲି । (ଭାଗବତ ୪/୧/୧ ଓ ୨ ଶ୍ଳୋକରୁ ଜାଣି  ହେବ ) ।

ମେଦିନୀର କେନ୍ଦ୍ର କ୍ଷେତ୍ରରେ ବିଶ୍ୱକର୍ମାଙ୍କ ଦ୍ୱାରା କରାଯାଇଥିବା ନିର୍ମାଣ ବହିଷ୍ମତୀପୁରୀ କରାଇ କନ୍ୟା ବର୍ହିଷ୍ମତୀଙ୍କୁ ରାଜା ପ୍ରିୟବ୍ରତଙ୍କୁ ବିବାହ ଦେଇଥିଲେ । ଏହି କ୍ଷେତ୍ରରେ ଶ୍ରୀକ୍ଷେତ୍ର ମନ୍ଦିରର ଛାଇ ନଥିବା କାରଣରୁ ରାଜା ପ୍ରିୟବ୍ରତ ସ୍ୱରୋଚିଷ, ଉତ୍ତମ, ତାମଷ, ରୈବତ ତଥା ଚାକ୍ଷୁଷ ମନ୍ୱନ୍ତରର ଦୀର୍ଘ କାଳକୁ ବା ଏଗାର ଅର୍ବୁଦ (୧୧୦ କୋଟି) ବର୍ଷ ମେଘ ରହିତ ଆକାଶ ତୁଲ୍ୟ ଶାସନ କରିଥିବା ଭାଗବତ ୪/୧/୨୬ରୁ ଜଣାଯାଏ ।

ବିଶ୍ୱକର୍ମା କନ୍ୟା ବହିଷ୍ମତୀଙ୍କୁ ରାଜା ପ୍ରିୟବ୍ରତଙ୍କୁ ବିବାହ ଦେଇ ଏହି ମେଦିନୀର କେନ୍ଦ୍ର କ୍ଷେତ୍ରରେ ବହିଷ୍ମତୀପୁରୀ ନିର୍ମାଣ କରାଇଥିଲେ । କାଳକ୍ରମେ ବର୍ହିଷ୍ମତୀ ଶବ୍ଦ ଲୋପ ପାଇ ଯାଇ, କେବଳ ପୁରୀ ଥିବାବେଳେ ପରିବେଶ, କ୍ଷେତ୍ରକୁ ଚିହ୍ନଟ କରି ଆସୁଛି । କାରଣ କ୍ଷେତ୍ର କେନ୍ଦ୍ର ଯୋଗୁଁ ଏଠାରେ ପ୍ରତିଷ୍ଠିତ ଜଗତ୍ନ୍ନାଥ ବା ଦଧିବାମନ ମନ୍ଦିରର ଛାଇ ଦେଖିବାକୁ ମିଳେ ନାହିଁ । ଯେହେତୁ କ୍ଷେତ୍ର ପରଂବ୍ରହ୍ମଙ୍କ ନୁହେଁ ପରବ୍ରହ୍ମ କ୍ଷେତ୍ର ଅଟେ ।

ମେଦିନୀ କେନ୍ଦ୍ର, ବର୍ହିଷ୍ମତୀ ପୁରୀ ବୋଲାଇବା ପୂର୍ବରୁ ଶ୍ରୀକ୍ଷେତ୍ର ନାମରେ ପରିଚିତ ଥିଲା । ମେଦିନୀ କେନ୍ଦ୍ରବିନ୍ଦୁ ତୁଲ୍ୟ ମର୍ତ୍ତ୍ୟମଣ୍ଡଳର କେନ୍ଦ୍ର ବିନ୍ଦୁ କେଉଁ କ୍ଷେତ୍ରକୁ ବୈଜ୍ଞାନିକମାନେ ପ୍ରଦାନ କରିଛନ୍ତି ଜଣାଯାଉନାହିଁ । ଛଅ ଗୋଟି ମନ୍ୱନ୍ତର ଯାଏଁ କେବଳ ମେଦିନୀର ସ୍ଥିତି ଥିଲା । କିନ୍ତୁ ପ୍ରଚଳିତ ମନ୍ୱନ୍ତର ଆରମ୍ଭରେ ତଥା କଥିତ ହିମାଳୟ ଉର୍ଦ୍ଧଗାମୀ ହେବା ସହିତ ସମୁଦାୟ ମର୍ତ୍ତ୍ୟମଣ୍ଡଳ ମଧ୍ୟ ଉର୍ଦ୍ଧଗାମୀ

ହୋଇଥିଲା । ଶ୍ରୀମଦ୍ ଭାଗବତ ସହିତ ଧନପତ୍ ରାୟ ଗବେଷକଙ୍କ ଦ୍ୱାରା ରଚିତ Early History of mankind, page 47 & C.Y Baidya ଦ୍ୱାରା ରଚିତ Epic India Page 269 ଦେଖିବା ଉଚିତ୍ ।

ଭୂ ସୃଷ୍ଟିର ୧୯୫ କୋଟି ବର୍ଷ ପୂର୍ବେ ମହର୍ଷି କର୍ଦମଙ୍କୁ ମୂଳ କରି ବ୍ରହ୍ମର୍ଷିଗଣ ବାରୁଣୀ ଯଜ୍ଞ କରାଇ କୁଲ୍ୟା ସରସ୍ୱତୀ ସୃଷ୍ଟି କରିଥିଲେ । ଯାହାଙ୍କୁ ଋଗ୍‌ବେଦ ବାରମ୍ବାର ପ୍ରଣାମ କରିଥିଲେ । ଏଣୁ ସନାତନ ଶାସ୍ତ୍ର ଗୁଡ଼ିକରେ ସରସ୍ୱତୀଙ୍କ ଅନେକ ବର୍ଣ୍ଣନା ରହିଛି । (ଭା.ପୁ ୩/୨୨/୨୭ ତଥା ୩/୨୬/୧୩) ଶ୍ଳୋକ ବୁଝିବା ଆବଶ୍ୟକ । କାରଣ ଲୋକ କଥାରେ ପ୍ରଚଳିତ ଭାବେ ରହି ଆସିଛି ଯେ - "ଆପଣା ବଚନ ଅପରେ ଦେଇ, ଯୋଗୀ ପଳାଇଲେ ଲଙ୍ଗଳା ହୋଇ" - ଭାରତର ପରିବେଶ ମଧ୍ୟରେ ବ୍ରହ୍ମତ୍ୱ ଥାଉ ଥାଉ ଆମେରିକାର ନାସା, ଇଣ୍ଡିଆର ଇସ୍ରୋ କଥାରେ ଆଫଗାନୀସ୍ଥାନରୁ ସରସ୍ୱତୀଙ୍କ ଉତ୍ପତ୍ତି ତଥା ଗୁପ୍ତ ରହିଛି ବିଚାର କରି ସରକାର ଅତୀତରେ ରାଜକୋଷରୁ ୭୬ ହଜାର କୋଟି ଟଙ୍କା ପୁନଃ ଉଦ୍ଧାର ପାଇଁ ମଞ୍ଜୁର କରିଛନ୍ତି ।

"ବୁଝି ବିଚାରି କାର୍ଯ୍ୟ କଲେ ପ୍ରମାଦ ନ ପଡ଼ଇ ଭଲେ" । ସନାତନ କାଳରୁ ପ୍ରଚଳିତ ତଥାପି ନ୍ୟାୟାଳୟରେ ବାଦି, ପ୍ରତିବାଦି ଉଭୟଙ୍କଠାରୁ ସତ୍ୟ ଉଗାଳିବା ପାଇଁ ଶ୍ରୀମଦ୍ ଭଗବତ୍ ଗୀତାକୁ ସ୍ପର୍ଶ କରାଇ ଶପଥ କରାଇଥାନ୍ତି । ଗୀତା କଣ ? ନ ବୁଝି ସ୍ପର୍ଶ କରି ମିଥ୍ୟା କହିଲେ ମଧ ଦୋଷ ନାହିଁ । ଅନ୍ତତଃ ଗ୍ରନ୍ଥର ପ୍ରଥମ ଶ୍ଳୋକର ପ୍ରଥମ ଶବ୍ଦ ଉପରେ ଧ୍ୟାନ ରହିବା ସଂକଳ୍ପିତ ଆତ୍ମା ଜାଣିବା ଉଚିତ୍ । ତେବେ ଶ୍ଳୋକ ଗତ ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ଭାରତର କେଉଁ ଅଂଚଳକୁ ସୂଚାଏ ?

ଶ୍ରୀମଦ୍ ଭଗବତ୍ ଗୀତାର ଗ୍ରନ୍ଥ ପ୍ରବେଶ ଶ୍ଳୋକକୁ ସୁସ୍ୱାଦ କ୍ରମେ ବୁଝିବା ପରି ସଂସ୍କୃତ କବି ଜୟଦେବଙ୍କ ଗୀତ ଗୋବିନ୍ଦର ରଚନାକୁ ବୁଝି ପରିବେଶ ସୂରକ୍ଷା କରିବା ଉଚିତ । ଯେହେତୁ ଗୀତ ଗୋବିନ୍ଦ ରାଧାକୃଷ୍ଣଙ୍କ ଲୀଳାକୃତ ରଚନା ନୁହେଁ, ପରିବେଶ ସମୃଦ୍ଧିର ରଚନା ଅଟେ । କିନ୍ତୁ ଜୀବନର ଅଷ୍ଟମ ଦଶକ ଶେଷ ପର୍ଯ୍ୟାୟରେ ପହଁଚି ମଧ ଶ୍ରୀମଦ୍ ଭଗବତ୍ ଗୀତାରେ ଉଲ୍ଲେଖ ଥିବା ଧର୍ମକ୍ଷେତ୍ରେ କେଉଁ ଅଞ୍ଚଳଟା ଧରାପଡୁ ନାହିଁ । କେଉଁ ଅଞ୍ଚଳ (ସୀମା ସହିତ) ପ୍ରକାଶ କଲେ ରାଷ୍ଟ୍ର ସମାଜ ଅତ୍ୟନ୍ତ ଉପକୃତ ହେବ ।

ଆପଣଙ୍କ ଜଣେ ରାଷ୍ଟ୍ରବାସୀ
ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୁଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର- ୫
ଗଂଜାମ, ଓଡିଶା

# ଗୀତାର ପ୍ରାଥମିକ ସୂଚନା

ଆସୀମ, ଅନନ୍ତର ସମୁଦାୟ କ୍ଷେତ୍ରକୁ ବିଶ୍ୱ କୁହାଯାଏ । ଏହି କ୍ଷେତ୍ରସ୍ଥ ଏକ ପରିବ୍ୟାପ୍ତ ଅଞ୍ଚଳକୁ ଅନ୍ତରିକ୍ଷ ତଥା ଅନ୍ତରିକ୍ଷ ଅନ୍ତର୍ଗତ ସାମାନ୍ୟ କ୍ଷେତ୍ରକୁ ଜଗତ ତଥା ଜଗତ ମଧ୍ୟରେ ପ୍ରଚଳିତ ଏକ କ୍ଷେତ୍ରକୁ ଗ୍ରହ ବା ବ୍ରହ୍ମାଣ୍ଡ କୁହାଯାଏ । ବ୍ରହ୍ମାଣ୍ଡ ତୁଲ୍ୟ ପରିବେଶ ଭରା ସଂସାରକୁ ବରୁଣ କ୍ଷେତ୍ର ତଥା ବରୁଣ କ୍ଷେତ୍ର ମଧ୍ୟରେ ରହିଛି ରାଷ୍ଟ୍ର ଧାରଣର କ୍ଷେତ୍ର ବା କୁରୁଙ୍କ କ୍ଷେତ୍ର । ଯେଉଁ କ୍ଷେତ୍ରରେ କେବଳ ତପସ୍ୱୀମାନେ ତପସ୍ୟାରତ ଭାବେ ରହିଥାନ୍ତି । ଏଣୁ ଗ୍ରନ୍ଥ ପ୍ରବେଶ ଶ୍ଲୋକରେ ନିମ୍ନ ମତେ କୁହା ଯାଇଛି ।

**ଧୃତରାଷ୍ଟ୍ର ଉବାଚ**

ଧର୍ମ କ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବ ।
ମାମକା ପାଣ୍ଡବାଶ୍ଚୈବ କିମ କୁର୍ବତ ସଂଜୟ ।।

ଗ୍ରନ୍ଥ ପ୍ରବେଶ ଶୀରୋନାମାରେ କୁହାଯାଇଛି ଧୃତରାଷ୍ଟ୍ର ଉବାଚ ବା ରାଷ୍ଟ୍ର ଧାରଣର, ଉ- ସତ୍ୟ, ବାଚ – କଥା । ରାଷ୍ଟ୍ର ଧାରଣର ଏଠାରେ ସତ୍ୟକଥା କୁହାଗଲା । କାରଣ ଶ୍ଲୋକଟିରେ ପ୍ରଶ୍ନବାଚକ ଚିହ୍ନ ନାହିଁ । ଏବଂ କିଏ କାହାକୁ ପ୍ରଶ୍ନ କରୁନାହିଁ ।

ଏହି ସତ୍ୟ କଥାରେ ବିଚାରକ, ପରିବେଶକୁ ନେଇ ବିଚାର କରେ – ବ୍ରହ୍ମାଣ୍ଡ ମଧ୍ୟରେ ରହିଥିବା ଧରମ ବା ମଙ୍ଗଳମୟ ଧର ବା ଧାରଣ କ୍ଷେତ୍ରରେ ସୂର୍ଯ୍ୟକନ୍ୟା ତପତି (ଯମୁନା), ଚନ୍ଦ୍ରବଂଶି ପୁରୁରବାଙ୍କ ମିଳନରୁ ପ୍ରକଟିତ ରାଜା କୁରୁଙ୍କ ଦ୍ୱାରା ବାରମ୍ବାର କୃଷ (ଜମିକୁ କର୍ଷଣ) କରି ଯେଉଁ କ୍ଷେତ୍ରକୁ ପବିତ୍ର କରିଥିଲେ, ସେହି କ୍ଷେତ୍ରରେ ଯୁଦ୍ଧ ନ କରିବା ପ୍ରକୃତିଗତ ରତ୍ନପୁରୁଷମାନେ ତପସ୍ୟା ପାଇଁ ସମବେତ ବା ଏକତ୍ର ହୋଇଥାନ୍ତି । ଏପରି ବିଚାର କରିବା ପରେ ପୁନଃ ପରିବେଶ ବିଚାର କରେ – ମୋ ଗର୍ଭରେ ଯାତ ବା ମୋର ଅନିଶ୍ଚିତ ପଞ୍ଚଭୁତାକାର (ପାଣ୍ଡବ)ଙ୍କ ଭବିଷ୍ୟତର କଣ ବୋଲାଇବ ? ଏପରି ବାରମ୍ବାର ଚିନ୍ତା କରିବାପରେ କୌଣସି ସ୍ଥରରେ ଅପହଞ୍ଚ କାରଣରୁ ଶେଷରେ ପରିବେଶ ଚିନ୍ତାରେ ସ୍ଥିର କଲେ, କିଛି ଯଦି ନ ହେବାର ଜଣାଯାଏ ତେବେ ସଂଜୟ ହୋଇ ରହିବ ।

ଶବ୍ଦ ସଂଜୟ ଏଠାରେ ନାମ ବାଚକ ବିଶେଷ ବୋଲାଇବ ନାହିଁ । କାରଣ ନାମବାଚକରେ ସଞ୍ଜୟ ବୋଲାଏ । ଏଠାରେ କିନ୍ତୁ ଲେଖାଥିବା ସଂଜୟର ଅର୍ଥ ଅଟେ ସଂ- ସଂଶୟ, ଜୟ – ଗ୍ରନ୍ଥ । ଅର୍ଥାତ୍ ସ୍ୱତଃପ୍ରବୃତ ଭାବେ ରାଷ୍ଟ୍ର ଧାରଣ ସତ୍ୟକଥାରେ ବର୍ଣ୍ଣନା ରହିବ, ପୁଣି ମୋର ଗର୍ଭରେ ସଂଶୟ ପୂର୍ଣ୍ଣ ଗ୍ରନ୍ଥ ରୂପେ କାଳ କାଳକୁ ଚିହ୍ନି ରହିବ । ଏହା ହିଁ ଶ୍ଲୋକଟିର ନୈତିକ ବିଚାର ।

ଗୀତା ଗ୍ରନ୍ଥ ବହୁଳ ଭାବରେ ତଥା ଗୁରୁ-ଶିଷ୍ୟ ସଂବାଦ ରୂପେ ପ୍ରସିଦ୍ଧ । କାରଣ ସଂସ୍କୃତ ପଦ୍ୟରେ ଲେଖାଯାଇଥିବା କେତେକ ଧାର୍ମିକ ଗ୍ରନ୍ଥ ବିଶେଷ ରୂପରେ ସେଗୁଡ଼ିକ ଧାର୍ମିକ ତଥା ଆଧାତ୍ମିକ ସିଦ୍ଧାନ୍ତ ଦ୍ୱାରା ପ୍ରତିପାଦିତ ହୋଇ ରହି ଆସିଛି । ଯଥା – ଉଦାହରଣରେ କୁହାଯାଇପାରେ ଶିବଗୀତା, ରାମଗୀତା, ଭଗବତ୍ ଗୀତା ଆଦି । ଏହି ନାମ କିନ୍ତୁ ଭଗବତ୍ ଗୀତା ପ୍ରତି ପ୍ରତୀକ ହେଉଥିବା ହୃଦ୍‌ବୋଧ ହୁଏ । କଥାରେ ଅଛି – ଗୀତା ସୁଗୀତା କର୍ତବ୍ୟା କିମନ୍ୟୈଃ ଶାସ୍ତ୍ରବିସ୍ତରୈଃ, ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍ୱିନିସୃତା (ଶ୍ରୀଧର ସ୍ୱାମୀଙ୍କ ବିଚାର) ଭଗବତ୍ ଗୀତାରେ ଆଧାୟ ଗୁଡିକ ଯୋଗ ବିଶିଷ୍ଟ ରୂପେ ବର୍ଣ୍ଣନା ରହିଛି । ଯେପରି ସାଂଙ୍ଖ୍ୟ ଯୋଗ, କର୍ମ ଯୋଗ ଆଦି ।

ବିଭିନ୍ନ ଯଥାର୍ଥତାକୁ ନେଇ ଭଗବାନ, ଶ୍ରୀକୃଷ୍ଣ, ପଦ୍ମନାଭ ଆଦି ପଦ ଗୁଡ଼ିକୁ ବିଦ୍ୱାନମାନେ ସ୍ଥିର କରିଛନ୍ତି । ଆମେ କିପରି କହି ପାରିବା ଭଗବାନ ଯିଏ, ଶ୍ରୀକୃଷ୍ଣ ସିଏ କହି ମହାଭାରତ ସମୟ କାଳିନ ଶ୍ରୀକୃଷ୍ଣ ଏଠାରେ ଭଗବାନ୍ ନୁହନ୍ତି କିମ୍ବା ଏଠାରେ କୁନ୍ତି ପୁତ୍ର ଅର୍ଜୁନ ପ୍ରଶ୍ନ କରୁ ନାହାନ୍ତି । ଏଠାରେ ଯେଉଁ ଅର୍ଜୁନ ସତ୍ୟତା ଜାଣିବାକୁ ପ୍ରଶ୍ନ କରନ୍ତି – ସେ ହେଲେ ଜଣେ ଶିଷ୍ୟ ଯେ କି ସତ୍ୟ କଣ ଜାଣିବା ପାଇଁ ବାରମ୍ବାର ପ୍ରଶ୍ନ କରନ୍ତି । ସେହି ପ୍ରଶ୍ନର ଉତ୍ତର ସ୍ୱୟଂ ଯେ ସାମର୍ଥତାର ଅଧିକାରୀ ସେ ହିଁ ଦେଇ ପାରିବ ।

ଗୀତା ମାଧ୍ୟମରେ ସଂସାର ପରିବେଶରେ ଥିବା ତ୍ରୁଟି ସଂସ୍କାରିତ ହୋଇ ପାରିବ । ଏପରିକି ବିଶ୍ୱାସରେ ବିଷ ପ୍ରୟୋଗକାରୀଙ୍କୁ ଗରଳ ଖୁଆଇବା ପ୍ରଣାଳୀ ମଧ୍ୟ ରହିଛି । ଏଥିରେ ଥିବା ୧୭ ଅଧ୍ୟାୟର ୨୮ ନଂ ଶ୍ଳୋକଟିକୁ ପରିକ୍ଷା କରିବା ପାଇଁ ନିଆଯାଇ, ବୈଦିକ ପ୍ରକ୍ରିୟା ଦ୍ୱାରା ପରିକ୍ଷା କରାଗଲେ ମୁରବି ଆଗରେ କୁଟୁମ୍ବର ସ୍ୱାହା ନିଶ୍ଚୟ କାର୍ଯ୍ୟକାରି ହୋଇ ପାରିବ ।

ଯେଉଁ ମାନଙ୍କ ମନରେ ଏଥକୁ ସନ୍ଦେହ ସୃଷ୍ଟି ହୁଏ । ତେବେ ଲିଖିତ ଆକାରରେ ପ୍ରଶ୍ନ ପଚାରି ପାରିବେ । କିନ୍ତୁ କେଉଁ ଅଞ୍ଚଳକୁ ମର୍ତ୍ତ୍ୟ ମଣ୍ଡଳରେ ଧର୍ମ କ୍ଷେତ୍ର କୁହାଯାଏ ।

ଶ୍ରୀ ବେଙ୍କଟ ବିହାରୀ ପ୍ରହରାଜ
ଋଷିକୁଲ୍ୟା ସରସ୍ୱତୀ ଗବେଷକ
ହିଲପାଟଣା, ବ୍ରହ୍ମପୁର- ୫
ଗଂଜାମ, ଓଡିଶା